# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th December – 2025

***********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି - ଗୃହରେ ସୂଚନା ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।

— ଦୁଇଟି ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଉପରେ ଗୃହରେ ଜାରି ରହିଛି ଆଲୋଚନା ।

- ୨୦୩୬ ମସିହା ସୁଦ୍ଧା ରାଜ୍ୟ ସବୁଜ ଶକ୍ତିର ପେଣ୍ଠସ୍ଥଳୀ ହେବ; ପୁରୀ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ରେ କହିଲେ ମୁଖ୍ୟମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣ ଆସନ୍ତାମାସରୁ ହେବ ଆରମ୍ଭ ।

ଏବଂ

- ଭୁବନେଶ୍ୱରରେ ସପ୍ତମ ଓଡ଼ିଶା ରାଜ୍ୟସ୍ତରୀୟ ପୁସ୍ତକମେଳାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

# କ୍ୟାବିନେଟ୍ ମଞ୍ଜୁରି

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି ବୋଲି ଆଜି ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ଶ୍ରୀ ମହାଲିଙ୍ଗ କହିଛନ୍ତି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ସ୍ୱାସ୍ଥ୍ୟ, ଆଇନ, ବୟନ ଶିଳ୍ପ ଓ ହସ୍ତତନ୍ତ ଏବଂ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଓ ବୟନ ଶିଳ୍ପ ବିକାଶ ଯୋଜନାକୁ ସରକାର ନୂତନ ଭାବେ ଆରମ୍ଭ କରିଛନ୍ତି । ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଶିକ୍ଷକ କ୍ୟାଡର୍‌ରେ ସଂରକ୍ଷଣ ପ୍ରସ୍ତାବ, ଔଷଧ ଚିକିତ୍ସା ଉପକରଣ ନୀତି-୨୦୨୫କୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ରାଜ୍ୟ ସରକାର ଓଡ଼ିଶା ସୁପରିୟର ଜୁଡ଼ିସିଆଲ୍ ସର୍ଭିସ୍ ଓ ଓଡ଼ିଶା ଜୁଡ଼ିସିଆଲ ସର୍ଭିସ୍ ରୁଲ୍-୨୦୦୭ରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ଗୃହରେ ସୂଚନା ଦେଇଛନ୍ତି ।

*Desk*

# ବିଧାନସଭା

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ଆଜି ନବମ ଦିନର ଦ୍ୱିତୀୟାର୍ଦ୍ଧରେ ଗୃହରେ ୨ଟି ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଉପରେ ଆଲୋଚନା ଜାରି ରହିଛି । ଅଧିବେଶନର ପ୍ରଥମାର୍ଦ୍ଧରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ୫୩୧ କୋଟି ୭୫ ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବିକୁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ଉପସ୍ଥାପନ କରିଥିଲେ । ସେହିପରି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୪ ହଜାର ୩୨୯ କୋଟି ୪୪ ଲକ୍ଷ ୧୨ ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବିକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଗତ କରିଥିଲେ । ଆଲୋଚନାରେ ବିରୋଧୀ ଦଳ ସଦସ୍ୟମାନେ ଭାଗ ନେଇ ନିଜର ମତାମତ ରଖୁଛନ୍ତି। ଆଲୋଚନା ଶେଷରେ ଉଭୟ ବିଭାଗର ମନ୍ତ୍ରୀ ଉତ୍ତର ରଖିବେ ବୋଲି ଜଣାପଡ଼ିଛି ।

*Desk*

# ସବୁଜ ଶକ୍ତି

୨୦୩୬ ମସିହା ସୁଦ୍ଧା ରାଜ୍ୟ ସବୁଜ ଶକ୍ତିର ପେଣ୍ଠସ୍ଥଳୀ ଭାବେ ଉଭା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ପୁରୀଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନପାଇଁ ଶକ୍ତି ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବାପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ୨୦୭୦ ମସିହା ସୁଦ୍ଧା ରାଜ୍ୟ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଲକ୍ଷ୍ୟ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶକ୍ତି କ୍ଷେତ୍ରରେ ରାଜ୍ୟ ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି, ଯାହା ଆତ୍ମନିର୍ଭର କରିବା ଦିଗରେ ସହାୟକ ହେବ । ବର୍ଦ୍ଧିତ ଚାହିଦା, ଭିତ୍ତିଭୂମି ବିକାଶ ଏବଂ ପାରମ୍ପରିକ ଓ ନବୀକରଣୀୟ ଶକ୍ତି ଉତ୍ସପାଇଁ ଦୃଢ଼ ନୀତିଗତ ସମର୍ଥନଦ୍ୱାରା ଦେଶର ଶକ୍ତିକ୍ଷେତ୍ର ଗତ ୧୧ ବର୍ଷରେ ଦ୍ରୁତ ଅଭିବୃଦ୍ଧି ହାସଲ କରିପାରିଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :.........

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୧୩୦ ଗିଗାୱାଟ୍‌କୁ ବୃଦ୍ଧି ପାଇଛି । ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜ୍ୟପାଇଁ ଦେଢ଼ଲକ୍ଷ ସୂର୍ଯ୍ୟଘରକୁ ଅନୁମୋଦନ ମିଳିଛି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ୨୦୩୦ ମସିହା ସୁଦ୍ଧା ରାଜ୍ୟ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନପାଇଁ ଲକ୍ଷ୍ୟ ରଖିବା ସହ ସବୁଜ ଉଦ୍‌ଜାନ ଅଗ୍ରଣୀ କେନ୍ଦ୍ର ହେବାକୁ ପ୍ରୟାସ ଆରମ୍ଭ କରିଛି । କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ଆଶିଷ ସୁଦ୍, ରାଜସ୍ଥାନ

ଶକ୍ତିମନ୍ତ୍ରୀ ହୀରାଲାଲ ନାଗର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ ।

*PIB*

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱତନ୍ତ୍ର ମତବିନିମୟ କାର୍ଯ୍ୟକ୍ରମ 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣ ଆସନ୍ତା ଜାନୁୟାରୀ ମାସରୁ ଆରମ୍ଭ ହେବ । ଏନେଇ ଚଳିତ ମାସ ପହିଲାରୁ ପଞ୍ଜୀକରଣ ପ୍ରକ୍ରିୟା ମାଇଁ ଗଭ୍ ପୋର୍ଟାଲ୍‌ରେ ଆରମ୍ଭ ହୋଇଛି । ଏହା ଆସନ୍ତାମାସ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାରତ ଏବଂ ବିଦେଶର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ପରୀକ୍ଷା ଚାପକୁ ହ୍ରାସ କରି ଏହାକୁ ଏକ ଉତ୍ସବ ଭାବେ ଗ୍ରହଣ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ।

*Desk*

## ପୁସ୍ତକମେଳା

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ୟୁନିଟ୍ ୩ ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆରମ୍ଭ ହୋଇଛି ।    ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଯୋଗ ଦେଇଛନ୍ତି । ମହୋତ୍ସବ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।

*Nayagarh/R*

# ବାୟୋ-ଇନ୍‌ପୁଟ୍ ଉତ୍ପାଦନ କେନ୍ଦ୍ର

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (ICAI-CIWA) ଦ୍ୱାରା ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଚମ୍ପାପେଡ଼ି ଗ୍ରାମରେ ମହିଳା ନେତୃତ୍ୱଭିତ୍ତିକ ବାୟୋ-ଇନ୍‌ପୁଟ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି । ମହିଳା କୃଷକଙ୍କ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ପ୍ରାକୃତିକ ଓ ଜୈବିକ କୃଷିକ ଅଗ୍ରସର କରିବାର ଲକ୍ଷ୍ୟ ରଖାଯାଇଛି । ରଣପୁର ଅର୍ଗାନିକ୍ ଗୋଷ୍ଠୀରେ ୫୦ରୁ ଅଧିକ ମହିଳା କୃଷକ ସଙ୍ଗଠିତ ହୋଇ ରସାୟନମୁକ୍ତ କୃଷିକାର୍ଯ୍ୟପାଇଁ ଆଗ୍ରହୀ ହୋଇଛନ୍ତି । ଏ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ହରିହରପୁର ଓ ଆରଡ଼ା ପଞ୍ଚାୟତରେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାଷୀ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର IIWMର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଧ୍ରୁବଚରଣ ସାହୁଙ୍କ ସମେତ କୃଷି ବିଭାଗର ବିଶେଷଜ୍ଞମାନେ

ଯୋଗଦେଇ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା ।

*Malkangiri/R*

## ବାୟୁ ସ୍ୱାସ୍ଥ୍ୟସେବା

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ମାଲକାନଗିରିରେ ୧ ହଜାର ୬୭୩ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି । ଚଳିତ ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ଚିକିତ୍ସା ଶିବିରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତରମାନେ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ । ସର୍ବାଧିକ ସ୍ନାୟୁଜନିତ ୪୯୭ ଜଣ ରୋଗୀ ଚିକିତ୍ସିତ ହୋଇଥିବାବେଳେ ୩୪୮ ଜଣ ହୃଦ୍‌ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା ।

*Jharsuguda/R*

## ସିଙ୍ଗଲ୍ ୱିଣ୍ଡୋ

ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ ବୈଠକରେ ୬ଟି ନିବେଶ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଓ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରି

ମିଳିଥିଲା । ରସାୟନ ଏବଂ ପେଟ୍ରୋକେମିକାଲ୍, ରଫ୍ରାକ୍ଟୋରୀ ଇଟା, ପଞ୍ଜିକୃତ ଯାନବାହାନର ସ୍କ୍ରାପିଂ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରି ମିଳିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

*Nayagarh/R*

## ଗୃହରକ୍ଷୀ ପ୍ରତିଷ୍ଠା ଦିବସ

ନୟାଗଡ଼ ରିଜର୍ଭ ପୁଲିସ ପଡ଼ିଆଠାରେ ଜିଲ୍ଲା ପୁଲିସ ପକ୍ଷରୁ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଅଭିଭାଷଣ ପାଠ କରାଯାଇଥିଲା । ଉଲ୍ଲେଖନୀୟ ସେବାପାଇଁ ଜିଲ୍ଲାର ୧୩ ଜଣ ଗୃହରକ୍ଷୀଙ୍କୁ ସମ୍ମାନିତ କରାଯାଇଥିଲା ।

*Kandhamal/R*

## ଜମାରାଶି ସୁରକ୍ଷା ଶିବିର

'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ଜମାରାଶି ସୁରକ୍ଷା ସଚେତନତା ଶିବିର କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବେଦଭୂଷଣ ଯୋଗଦେଇ ୧୧

ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମାରାଶି ଏବଂ ଦାବୀହୀନ ଜମାରାଶି ପ୍ରଦାନ କରିଥିଲେ । ଆର୍ଥିକ କ୍ଷେତ୍ରରେ ଦାବୀ କରାଯାଇ ନ ଥିବା ସମ୍ପତ୍ତିର ଦକ୍ଷ ଏବଂ ଶୀଘ୍ର ବିନିଯୋଗକୁ ସହଜ କରିବାପାଇଁ ବିଭିନ୍ନ ଉପାୟ ବିଷୟରେ ରିଜର୍ଭ ବ୍ୟାଙ୍କ୍ ଡି.ଜି.ଏମ୍. ମଧୁକର ଆନନ୍ଦ ପରାମର୍ଶ ଦେଇଥିଲେ ।

***Deogarh/R***

## ପୋଷ୍ୟସନ୍ତାନ ଗ୍ରହଣ ମାସ

ଦେବଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ପୋଷ୍ୟସନ୍ତାନ ଗ୍ରହଣ ମାସ ଉଦ୍‌ଯାପନ ଉତ୍ସବ ପାଳିତ ହୋଇଯାଇଛି । ପୋଷ୍ୟସନ୍ତାନ ସଚେତନତା ରଥ ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ପରିକ୍ରମା କରି ପୋଷ୍ୟସନ୍ତାନ ଗ୍ରହଣ ନିୟମାବଳୀ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ମକର୍ତ୍ତା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପୁଲିସ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ନେଇ ପୋଷ୍ୟସନ୍ତାନ ଗ୍ରହଣ ନିୟମାବଳୀ ସମ୍ପର୍କିତ କର୍ମଶାଳା ମଧ୍ୟ ଆୟୋଜନ ହୋଇଥିଲା ।

*Dhenkanal/R*

## ଯୋରନ୍ଦା - ମାଘମେଳା ବୈଠକ

ଢେଙ୍କାନାଳର ପ୍ରସିଦ୍ଧ ଯୋରନ୍ଦା ମାଘମେଳା ଉପଲକ୍ଷେ ଆଜି ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଳାରେ ପ୍ରାୟ ୧୯ ଲକ୍ଷ ଟଙ୍କା ଆୟ ଅଟକଳ ହୋଇଥିବାବେଳେ ୧୭ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ହେବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର କହିଛନ୍ତି, ମେଳାର ସୁପରିଚାଳନାପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ପ୍ରମୁଖ ସ୍ଥାନଗୁଡ଼ିକରେ ସି.ସି.ଟି.ଭି. ଲଗାଯିବ ।

*Deogarh/R*

## ପ୍ରଧାନପାଟ ଉତ୍ସବ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନପାଟ ଉତ୍ସବ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତାମାସ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପ୍ରଧାନପାଟ ଉତ୍ସବ ହେବାପାଇଁ ସ୍ଥିର ହୋଇଛି । ଉତ୍ସବରେ ପଲ୍ଲୀଶ୍ରୀ ମେଳା, ପୁସ୍ତକ, ଖାଦ୍ୟମେଳା ଓ

ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

*Nayagarh/R*

# ମାର୍ଗଦର୍ଶନ କମିଟି ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମାର୍ଗଦର୍ଶନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରୁ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବ୍ରାଣ୍ଡିଂ ଏବଂ ପ୍ୟାକେଜିଂ ଉପରେ ବୈଠକରେ ଆଲୋଚନା ହୋଇଥିଲା । ମୁମ୍ବାଇସ୍ଥିତ ଭାରତୀୟ ପ୍ୟାକେଜିଂ ସଂସ୍ଥାନର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ କେ. ଜୁଇକର ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

******